# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ



















ଅନୁଗୋଳ,୬ ।୬(ସମିସ): ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ଛାତ୍ରଛାତ୍ରୀଙ୍କ ଦ୍ୱାରା ମା' ବାସନ୍ତୀ ଦୁର୍ଗା ଖେଳପଡ଼ିଆରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ବରିଷ୍ଠ ଆଇନଜୀବୀ ତଥା ସଂଘ ଉପଦେଷ୍ଟା ପ୍ରଦୀପ କୁମାର ଦେବତା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ସହ ପରିବେଶକୁ ଆମେ କିପରି ସୁରକ୍ଷିତ ରଖିବା ସେ ନେଇ ଦିଗ୍‌ଦର୍ଶନ ଦେଇଥିଲେ। ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜାତୀୟ ଖେଳାଳି ତନିଷ୍କା ପ୍ରିୟଦର୍ଶିନୀ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଜାତୀୟ ଖେଳାଳି ଅଭିଲାଷା ,ସାମଲ ମନୀଷା ଦେହୁରୀ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଡ଼ିଆରେ ଚାରାରୋପଣ କରାଯାଇଥିଲା ।

**କୁଇଓ:** ଅନୁଗୋଳ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ କୁମଣ୍ଡ ଜେରଙ୍ଗ ସାହିରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝି ଉପସ୍ଥିତ ରହି ପରିବେଶ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ । ବିଜେପି କାର୍ଯ୍ୟକର୍ତ୍ତା ଶତ୍ରୁଘନ ସାହୁ, ମିତାରାଣୀ ପାତ୍ର, ରମେଶ ଜେନାମଣି, ଜିତେନ୍ଦ୍ର ନାୟକ, ମଣ୍ଟୁ ଗଡ଼ନାୟକ, ସନ୍ତୋଷ ପରିଡ଼ା, ଅକ୍ଷୟ ଗଡ଼ନାୟକ, ଟୁକୁ ସାହୁ, ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**ଛେଣ୍ଡିପଦା:** ଛେଣ୍ଡିପଦା ବ୍ଲକ ସାପୋଇନାଳିରେ ଗଢ଼ିଉଠିଥିବା ନମନ୍ସ ଏକାଡେମୀର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରି ପରିବେଶ ସୁରକ୍ଷା ସଲଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା । ରାସ୍ତାର ଦୁଇ ପାଶ୍ୱର୍ରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବିଶ୍ୱ ତାପନ' ଉପରେ ଆଧାରିତ ନାଟକ ପରିବେଷିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁ ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ । ଶିକ୍ଷକ ଲଳିତ ପ୍ରଧାନ ଅନୁଷ୍ଠାନର ବିବରଣୀ ପାଠ ସହ ସଭା ପରିଚାଳନା କରିଥିଲେ । ଅନୁଷ୍ଠାନର ପରିଚାଳକ ସଚିନ ମାଝୀ ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ପାଠ ପଢ଼ି ବଡ଼ ମଣିଷ ହେବାକୁ ଉପଦେଶ ଦେଇଥିଲେ । ଶିକ୍ଷକ ଶଙ୍କର୍ଷଣ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ ।

**ଅନୁଗୋଳ:** ସାମାଜିକ ଅନୁଷ୍ଠାନ 'ସ୍ପନ୍ଦନ', ଉତ୍କଳ ୟୁଥ ଆସୋସିଏସନ ଫର ସୋସିଆଲ ଡେଭଲପମେଣ୍ଟ, ଭୁବନେଶ୍ୱର, ୟୁଥ ଫର ୱାଟର, ମାଇଁ ଭାରତ ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ୨୦୨୬ ସୁନିଆମୁଣ୍ଡା, ଶ୍ମଶାନ ପଡ଼ିଆ, ବଳରାମପ୍ରସାଦ, ବଇଁରପାଳ ଓ ଅନୁଗୋଳଠାରେ ପାଳିତ ହୋଇଛି । ଚଳିତ ବର୍ଷର ବିଷୟବସ୍ତୁ ''ପ୍ରକୃତି ଦ୍ୱାରା ଅନୁପ୍ରାଣୀତ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ' ସମ୍ବନ୍ଧରେ ଗ୍ରାମ ସଭାପତି ଅତର ସାହୁ ଅବଗତ କରାଇଥିଲେ। ସମସ୍ତେ ଗୋଟିଏ ଲେଖାଏଁ ଚାରାରୋପଣ କରି ତାହାର ଯତ୍ନ ନେଲେ ଆଗାମୀ ଦିନରେ ପରିବେଶ ସୁସ୍ଥ ରହିବା ସହ ମାନବ ସମାଜ ସୁସ୍ଥ ଜୀବନ ଅତିବାହିତ କରିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଗ୍ରାମବାସୀ, ସ୍ଥାନୀୟ ଯୁବକ ସଂଘ କର୍ମକର୍ତ୍ତା ନିମ୍ବ, ଅଶୋକ, ବଉଳ, ମୁଚୁକୁଣ୍ଡି, ଜାମୁ ଆଦି ଚାରାରୋପଣ କରିଥିଲେ। ଟୁଟୁ ସାହୁ, ଦିଲୀପ ସାହୁ, ଲିପୁନ ସାହୁ, ଅମୂଲ୍ୟା ସାହୁ, ରାମ ସାହୁ, ଦମୟନ୍ତୀ ସାହୁ, ପରମାନନ୍ଦ ସାହୁ, ଓମପ୍ରକାଶ ସାହୁ, ମନୋଜ ସାହୁ, ତୁଷାରକାନ୍ତି ସ୍ୱାଇଁ, ବିଭୁ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। 'ସ୍ପନ୍ଦନ'ର ସଦସ୍ୟ-ସମ୍ପାଦକ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**କିଶୋରନଗର:** କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ କଳ୍ପତରୁ ସଂଗଠନ ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ଶାଖା ପରିଚାଳକ ଦୀନେଶ କୁମାର ମାଲି ମୁଖ୍ୟଅତିଥି ରୂପେ ଯୋଗଦେଇ ପରିବେଶ ଦିବସ ପାଳନର ଆଭିମୁଖ୍ୟ ଓ ଭାରତୀୟ ସଂସ୍କୃତି ସହ ବୃକ୍ଷର ସମ୍ପର୍କ ଉପରେ ଆଲୋଚନା କରିଥିଲେ। ପରିବେଶ ବିଶେଷଜ୍ଞ ଡ. ଗୌରବ ମୀନା ଜୈବବିବିଧତା, ସହନୀୟ ବିକାଶ ତଥା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ ଶ୍ରୀକାନ୍ତ କୁମାର ସାହୁ ଯୋଗଦେଇ ବୃକ୍ଷର ଗୁରୁତ୍ୱ ଓ ପଞ୍ଚଭୂତର ଶରୀରରେ ପରିବେଶର ସମ୍ପର୍କ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ରୂପେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଜୈବ କୃଷି ଓ ଗୋମୂତ୍ରର ମହତ୍ତ୍ୱକୁ ବିଶ୍ଳେଷଣ କରିଥିଲେ। କଳ୍ପତରୁର ସଭାପତି ସୁଧୀରଞ୍ଜନ ପ୍ରଧାନ ସୁନୀତା ନାରାୟଣ, ଅଲ ଗୋରେ, ଆନ୍ନା ହଜାରେଙ୍କ ଉଦାହରଣ ଦେଇ ଆମକୁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଥିଲେ। ପୂର୍ବତନ ଶିକ୍ଷକ ଖଗେଶ୍ୱର ସାହୁ ବୃକ୍ଷ, ଜୀବନଚର୍ଯ୍ୟା ଓ ପରିବେଶର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପଞ୍ଚଧାରା ସାମରିକ ସଙ୍ଘ ସଭାପତି ସୁକାନ୍ତ କୁମାର ରଣା ପ୍ରତ୍ୟେକ ସେନା ଓ ସେମାନଙ୍କ ପରିବାର ଚାରାରୋପଣ କରି ପରିବେଶ ସୁରକ୍ଷାର ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଉତ୍କଳ ସମ୍ମିଳନୀ ଅନୁଗୋଳର ଅବାହିକା ଲିପିକା ମହାପାତ୍ର ଅତିଥି ପରିଚୟ ଦେଇଥିଲା ବେଳେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଅନୁଗୋଳ:** ଜରାସିଂହା ଗ୍ରାମ ଖେଳ ପଡ଼ିଆରେ 'ମେରା ଯୁବା ଭାରତ', 'ଉତ୍କର୍ଷ ପରିବାର' ଓ 'ଜରାସିଙ୍ଗା ଯୁବକ ସଂଘ' ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। 'ମେରା ଯୁବା ଭାରତ'ର ଅନୁଗୋଳ ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବ, ଜରାସିଙ୍ଗା ସରପଞ୍ଚ ପ୍ରିୟଙ୍କା ସ୍ୱାଇଁ, ପୂର୍ବତନ ସରପଞ୍ଚ ମିଳାପ କୁମାର ପ୍ରଧାନ ଏବଂ ଉତ୍କର୍ଷ ପରିବାର ସଭାପତି ଭୀଷ୍ମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଯୁବ ସଂଯୋଜକ ତପନ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ଚାରାରୋପଣର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯିବା ସହ ପ୍ରାଥମିକ ପର୍ଯ୍ୟାୟରେ ଆମ୍ବ, ପଣସ, ଡାଳିମ୍ବ, ପିଜୁଳି ଓ ଆତ ଆଦି ୩୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଗ୍ରାମର ଲୋକନାଥ ବାରିକ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସୌମ୍ୟରଞ୍ଜନ ନାୟକ, ପ୍ରିୟଙ୍କା ସ୍ୱାଇଁ ଏବଂ ସଞ୍ଜୁକ୍ତା ପଟ୍ଟନାୟକ ସହଯୋଗ କରିଥିଲେ।

## ସାପ୍ତାହିକ ହାଟରୁ ବାଇକ ଚୋରି

ତାଳଚେର,୬ ।୬(ସମିସ): ତାଳଚେର ଶନିବାର ସାପ୍ତାହିକ ହାଟରେ ପୁଲିସ ମୁତୟନ ହେଉଥିଲେ ମଧ୍ୟ ସେଠାରୁ ବାରମ୍ବାର ବାଇକ, ମୋବାଇଲ ଆଦି ଚୋରି ଘଟଣା ଉଦବେଗର ବିଷୟ ହୋଇଛି । ତାଳଚେର ପୌରପରିଷଦ ୩ନଂ ୱାର୍ଡ ଅମଲାପଡ଼ା ସାହିର ମହେଶ୍ୱର କୁଅଁର ତାଙ୍କ ବାଇକକୁ ହାଟସ୍ଥିତ ଏଲଆଇସି ଅଫିସ୍ ନିକଟରେ ରଖି ପରିବା କିଣିବାକୁ ଯାଇଥିଲେ । ଫେରିବା ପରେ ସେଠାରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ । ବହୁ ଖୋଜାଖୋଜି ପରେ ବାଇକ୍ ନ ମିଳିବାରୁ ତାଳଚେର ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଗାଳିଗୁଲଜ କରି ଅଡୁଆରେ ପୁଲିସ ବାବୁ

ତାଳଚେର,୬ ।୬(ସମିସ): ତାଳଚେରର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଦେହରେ ହାତମାରିବା ଟାଉନଥାନାରେ କାର୍ଯ୍ୟରତ ଜଣେ ଏସ୍‌ଆଇଙ୍କୁ ମହଙ୍ଗା ପଡ଼ିଛି । ଏସ୍‌ଆଇ ଜଣକ ପୂର୍ବରୁ ସାଦା ପୋଷାକରେ ରହି ବିଭିନ୍ନ ସ୍ଥାନକୁ ଯାଇ ଦବଙ୍ଗଗିରି କରିବା ସହ ନିଜ ସ୍ୱାର୍ଥ ହାସଲ କରୁଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ତେବେ ଶେଷରେ ତାଳଚେରରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦେହରେ ହାତମାରି ଗାଳିଗୁଲଜ କରିବା ଅଭିଯୋଗରେ ତାଙ୍କୁ ଅନୁଗୋଳ ଆରଓ ଅଫିସକୁ ବଦଳି କରାଯାଇଛି । ପୁଲିସ ବାବୁଙ୍କ ସ୍ଥାବର ଓ ଅବସ୍ଥାବର ସମ୍ପତ୍ତିର ଯାଞ୍ଚ କରାଗଲେ ବହୁ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## କାଳବୈଶାଖୀରେ ଉଡ଼ିଲା ସ୍କୁଲ ଛପର

ଛେଣ୍ଡିପଦା,୬ ।୬(ସମିସ): ଘୂର୍ଣ୍ଣିଝଡ଼ରେ ଉଡ଼ିଯାଇଛି ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବସନ୍ତପୁର ପ୍ରାଥମିକ ବିଦ୍ୟାଳୟର ଅଜବେଷ୍ଟସ ଛପର । ଶନିବାର ଅପରାହ୍ନ ସାଢ଼େ ୫ଟାରେ ହଠାତ ଝଡ଼ତୋଫାନ ଓ ବର୍ଷା ମାଡ଼ିଆସିଥିଲା। ଏହାର ପ୍ରଭାବରେ ବିଦ୍ୟାଳୟର ୫ ବଖରା ଅଜବେଷ୍ଟସ ଛପର ଉଡ଼ିଯାଇଛି। ରାସ୍ତାକଡ଼ରେ ଥିବା କୃଷ୍ଣଚୂଡ଼ା ଗଛ ଉପୁଡ଼ି ବିଦ୍ୟାଳୟ ପାଚେରି ଉପରେ ପଡ଼ି ନଷ୍ଟ ହୋଇଛି। ଏହାବ୍ୟତୀତ ବର୍ଷାରେ ବିଦ୍ୟାଳୟ ଆସବାବପତ୍ର ନଷ୍ଟ ହୋଇଛି। ଗ୍ରାମର କିଛି ଲୋକଙ୍କ ୧୫ ବଖରା ଚାଳଛପର ଘର ମଧ୍ୟ ଉଡ଼ିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଛି।



● ସ୍ତ୍ରୀର ଶେଷ ଇଚ୍ଛା ପୂରଣ କଲେ ସ୍ୱାମୀ

## ସାପ କାମୁଡ଼ାରେ ମୃତ୍ୟୁ ପରେ ଚକ୍ଷୁଦାନ କଲେ

ଅନୁଗୋଳ,୬ ।୬(ସମିସ): ସ୍ତ୍ରୀର ଶେଷ ଇଚ୍ଛା ପୂରଣ କଲେ ସ୍ୱାମୀ । ମୁଁ ମରିଗଲେ ମୋ ଆଖି ଦୁଇଟିକୁ ଦାନ କରିଦେବ ବୋଲି ମୃତ୍ୟୁ ପୂର୍ବରୁ ସ୍ୱାମୀଙ୍କୁ କହିଥିଲେ ମହିଳା । ଶେଷରେ ସ୍ତ୍ରୀର ଇଚ୍ଛା ପୂରଣ କରିଛନ୍ତି ସ୍ୱାମୀ ।



ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମ କ୍ଷଣ୍ଟଛକ ସାହିର ଅମିୟ ବେହେରାଙ୍କ ସ୍ତ୍ରୀ ସୁମିତ୍ରା ବେହେରା (୩୩) ଶୁକ୍ରବାର ରାତି ୯ ଟାରେ ଦୁଇ ଝିଅଙ୍କ ସହ ଘର ଦୁଆରେ ଶୋଇଥିଲେ । ଏହି ସମୟରେ ଏକ ଚିତିସାପ ତାଙ୍କୁ କାମୁଡ଼ି ଦେଇଥିଲା । ଅମିୟ ଘରେ ପହଞ୍ଚି ଏ କଥା ଜାଣିବା ପରେ ତୁରନ୍ତ ଏକ ଅଟୋରେ ସୁମିତ୍ରାଙ୍କୁ ଅନୁଗୋଳ ପବିତ୍ର ମୋହନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ଗୁରୁତର ଥିବାରୁ ସୁମିତ୍ରାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ସୁମିତ୍ରାଙ୍କ ଶେଷ ଇଚ୍ଛା ଥିଲା ମୃତ୍ୟୁ ପରେ ତାଙ୍କ ଆଖିରେ ଆଉ କେହି ଦୁନିଆ ଦେଖିବ । ଅମିୟ ତାଙ୍କ ଇଚ୍ଛା ପୂରଣ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି । କଟକ ଡାକ୍ତରଖାନାରେ ତାଙ୍କ ଦୁଇ ଆଖି ସଂଗ୍ରହ କରାଯାଇ ଭୁବନେଶ୍ୱର ଏଲଭି ପ୍ରସାଦ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ବଡ଼ହୁଲା ଚଷା ପୁଞ୍ଜିର ବୈଠକ




ବଇଣ୍ଡା,୬ ।୬(ସମିସ): କିଶୋରନଗର ବ୍ଲକ ବଇଣ୍ଡାର ନୁନୁକାପସି ଗ୍ରାମ ଆମ୍ବ ତୋଟା ପରିସରରେ ଶୁକ୍ରବାର ଦିନ ବଡହୁଲା ଚଷା ପୁଞ୍ଜିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଦୈତାରୀ ସାହୁଙ୍କ ସଭାପତିତ୍?ରେ ଅନୁଷ୍ଠିତ ବୈଠକରେ ବେଣୁଧର ଦେହୁରି, ନବ କିଶୋର ସାହୁ, ଗୋବର୍ଦ୍ଧନ ସାହୁ, ଲକ୍ଷ୍ମଣ ସାହୁ, ପ୍ରଦୀପ ସାହୁ, ସୁରେଶ ଚନ୍ଦ୍ର ସାହୁ, ଗୌର ହର ସାହୁ, ସୁଦାମ ଚରଣ ପ୍ରଧାନ,ଙ୍କ ସମେତ ୧୫ ଖଣ୍ଡର ସଦସ୍ୟ ମାନେ ଯୋଗ ଦେଇଥିଲେ । ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏ ପରିକି ଆଗକୁ କିପରି ଚଷା ଭାଇ ମାନେ ଭଲ ଫସଲ କରିବେ ସେ ନେଇ ଆଲୋଚନା କରାଯିବା ସହ ରାଜ୍ୟ ସରକାର ଙ୍କର ସମସ୍ତ ସହାୟତା କିପରି ଚାଷୀ ମାନେ ପାଇବେ ସେ ନେଇ ଉଦ୍ୟମ କରାଯିବ ବୋଲି ଚଷା ଭାଇ ମାନେ ମତ ପ୍ରକାଶ କରିଥିଲେ । ଏଥିସହ ବଇଣ୍ଡା, ଗାଁ ବଇଣ୍ଡା, ବଡହୁଲା, ଜାମୁନାଳି ହାଇସ୍କୁଲ ଗୁଡିକର ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ଛାତ୍ରଙ୍କୁ ପୁଞ୍ଜି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଧିତ କରାଯାଇଥିଲା । ଏଥିରେ ଭୀଷ୍ମ ଦେହୁରି, ପ୍ରକାଶ ପ୍ରଧାନ, ନାୟରଣ ପ୍ରଧାନ, ବାବୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



କିଶୋରନଗର/ବଇଣ୍ଡା,୬ ।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଇଛା ପୁର ହୃଷିକେଶ ଉଚ୍ଚ ବିଦ୍ୟାଳୟରେ ଶନିବାର ଦିନ ନୂତନ ପ୍ରଧାନ ଶିକ୍ଷୟତ୍ରୀ ଭାବେ ହିରନ୍ୟ ପ୍ରଭା ତ୍ରିପାଠୀ ଦାଇତ୍ୱ ଗ୍ରହଣ କରିଛନ୍ତି କ୍ଷ ସେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷିତୀଜା ରଞ୍ଜନ ଦେହୁରୀ ଙ୍କର ଠାରୁ ଦାଇତ୍ୱ ନେଇଛନ୍ତି କ୍ଷ ତାଙ୍କୁ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଦିଆ ଯାଇଛି କ୍ଷ ବିଦ୍ୟାଳୟର ଶିକ୍ଷକ ମାନେ ପୁଷ୍ପ ଗୁଚ୍ଛ ଦେଇ ବିଦ୍ୟାଳୟକୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦେଇଥିଲେ କ୍ଷ ଦୀର୍ଘ ଦିନ ହେବ ପ୍ରଧାନ ଶିକ୍ଷକ ଖାଲି ପଡିଥିବା ବେଳେ ରାଜ୍ୟ ସରକାର ପଦପି ପୂରଣ କରିଛନ୍ତି କ୍ଷ ଏଥିରେ ବିଦ୍ୟାଳୟ ଶିକ୍ଷକ ସତ୍ୟ ନାରାୟଣ ବାଘ, ମନୋରଞ୍ଜନ ପ୍ରଧାନ, ଦିବ୍ୟ ରଞ୍ଜନ ସାହୁ ଉପସ୍ଥିତ ଥିଲେ ।

## ପୁରୁଣା କୁକୁଡ଼ା ଫାର୍ମ ନିକଟରୁ ଜବରଦଖଲ ଉଚ୍ଛେଦ








ଅନୁଗୋଳ,୬ ।୬(ସମିସ): ରାଜ୍ୟରେ ନୂତନ ସରକାର ଆସିବା ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ସବୁ ଜିଲ୍ଲାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରତିମାସ ସମୀକ୍ଷା ବୈଠକ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ନିର୍ଦ୍ଦେଶ ସତ୍ତ୍ୱେ ଅନୁଗୋଳ ସହର ଛାତି ଉପରେ ଯେଉଁଠି ଜମି ମୂଲ୍ୟ ଗୁଣ୍ଠ ୨୦ ଲକ୍ଷ ଟଙ୍କା ସେଭଳି ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ପାଚେରି ବୁଲାଇଥିଲେ। କିଏ ଡାକ୍ତରୀ ସଂଘ, ବ୍ୟବସାୟ ସଂଘ, ସମ୍ପ୍ରଦାୟ ସଙ୍ଘ ତ କିଏ ଆଉ କ'ଣ କରିବା ନାଁରେ କୁକୁଡ଼ା ଫାର୍ମ ନିକଟରେ ଥିବା ଜାଗା ମାଡ଼ିବସିଥିଲେ। ତେବେ ତୁରନ୍ତ ଏହାକୁ ଉଚ୍ଛେଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶନିବାର ତହସିଲଦାର, ମାଜିଷ୍ଟ୍ରେଟ, ପୁଲିସ ଫୋର୍ସ ଉପସ୍ଥିତିରେ ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କିଛି ସଂସ୍ଥା ଦିନେ ଦୁଇ ଦିନ ମଧ୍ୟରେ ଭାଙ୍ଗି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଚ୍ଛେଦ ପରେ ସେଠାରେ ସ୍କିଲ ତଥା ମ୍ୟୁନିସିପାଲ ଡେଭଲପମେଣ୍ଟ ସେଣ୍ଟର୍ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି।

## ହିଙ୍ଗୁଳା ପୀଠରେ ହେବ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା

ତାଳଚେର,୬ ।୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ଅବସରରେ ତାଳଚେରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ୧୪ତମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଆସନ୍ତା ୧୫ ତାରିଖ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅତିବଡ଼ୀ ଜଗନ୍ନାଥ ଦାସକୃତ ଶ୍ରୀମଦ୍ ଭାଗବତରୁ ସମସ୍ତ ପ୍ରଶ୍ନ ପଚରାଯିବ। ପ୍ରତ୍ୟେକ ଗ୍ରାମ କିମ୍ବା ଅନୁଷ୍ଠାନରୁ ୪ ଜଣ ଲେଖାଏଁ ପ୍ରତିଯୋଗୀ ଗୋଟିଏ ଦଳ ଭାବରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଶ୍ରେଷ୍ଠ ତିନି ଦଳକୁ ବିଶେଷ ପୁରସ୍କାର ସହ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯିବ। ଏ ସମ୍ବନ୍ଧରେ ଅଧିକ ସୂଚନା ପାଇଁ ପରିଷଦର ସଭାପତି ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଜଗନ୍ ମୋହନ ଗଡ଼ନାୟକ, ହେମନ୍ତ ଦାସ ଓ ରାହାସ ଚନ୍ଦ୍ର ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଭଗବତପ୍ରେମୀ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ସମ୍ପାଦକ ଜଗନ୍ ମୋହନ ଗଡ଼ନାୟକ ଅନୁରୋଧ କରିଛନ୍ତି।



## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



କିଶୋରନଗର,୬ ।୬(ସମିସ): ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା ପଞ୍ଚାୟତ ତାଳମଳିହା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଅକ୍ଷୟ କୁମାର ପ୍ରଧାନଙ୍କର ଶୁକ୍ରବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଛି। ତାଙ୍କୁ ୫୦ବର୍ଷ ବୟସ ହୋଇଥିଲା। ମରଶରୀର ଗ୍ରାମକୁ ଅଣାଯାଇ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ଜଣେ ପରୋପକାରୀ ଓ ମେଳାପୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

■ ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦଯାପିତ

## ବାଳକରେ ନୟାଗଡ଼, ବାଳିକାରେ ଅନୁଗୋଳ ଚାମ୍ପିଅନ୍

ଅନୁଗୋଳ,୬ ।୬(ସମିସ):




ଅନୁଗୋଳ ହାଇସ୍କୁଲ ପଡ଼ିଆରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦଯାପିତ ହୋଇଛି। ବାଳକ ବିଭାଗ ଫାଇନାଲରେ ଢେଙ୍କାନାଳକୁ ହରାଇ ନୟାଗଡ଼ ଚାମ୍ପିଅନ୍ ହୋଇଥିବା ବେଳେ ବାଳିକାରେ ଢେଙ୍କାନାଳକୁ ହରାଇ ଅନୁଗୋଳ ଚାମ୍ପିଅନ୍ ହୋଇଛି। ଉଦଯାପନୀ ସମାରୋହରେ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ଶୁଭେନ୍ଦୁ କୁମାର ଦେ, କ୍ରୀଡ଼ା ସଂସଦ ସଦସ୍ୟ କିଶୋର କୁମାର କର, ରୁଚିର କୁମାର ଦାସ, ରମେଶ ସାହୁ, ପ୍ରଭାସ କୁମାର ଦାସ, ଦୋଳଗୋବିନ୍ଦ ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମ୍ବଲପୁରରେ ଆୟୋଜିତ ସିଏମ୍ ଟ୍ରଫି ଭଲିବଲ ଜୋନ୍ ବିଜେତା ଅନୁଗୋଳ ବାଳିକା ଓ ବାଳକ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କ୍ରୀଡ଼ାବିତ୍ ନୀଳମଣି ଦାସ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଘୋଷର ମୁଗମାଳ ସାହିରେ ପାନୀୟ ଜଳ ସଙ୍କଟ

● ସୋଲାର ପ୍ରକଳ୍ପ ଓ ଜଳଯୋଗାଣ ପ୍ରକଳ୍ପରୁ ଆସୁନି ପାଣି
● ଗ୍ରାମବାସୀ ହନ୍ତସନ୍ତ

କିଶୋରନଗର,୬ ।୬(ସମିସ): କିଶୋରନଗର ବ୍ଲକ ଘୋଷର ମୁଗମାଳ ସାହିରେ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଛି । ପ୍ରଶାସନ ପିଇବା ପାଣି ଯୋଗାଇ ଦେବାରେ ବ୍ୟତିକ୍ରମ ଦେଖାଦେଇଛି । ଏହି ସାହିରେ ୨୦୨୪-୨୫ ଆର୍ଥିକ ବର୍ଷରେ ନଳକୂଅ ଖୋଳି ସୋଲାର ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ହେଲେ ଜଳସ୍ତର ହ୍ରାସ ଯୋଗୁଁ ସୋଲାର ପ୍ରକଳ୍ପରୁ ଗତ ମାର୍ଚ୍ଚରୁ ଆଉ ପାଣି ବାହାରୁ ନାହିଁ। ସେହିପରି ଘୋଷରଠାରେ ଥିବା ଜଳଯୋଗାଣ ପ୍ରକଳ୍ପରୁ ଏହି ସାହିକୁ ଆସିଥିବା ପାଇପ୍‌ରୁ ମଧ୍ୟ ପାଣି ଆସୁନାହିଁ। ପ୍ରାୟ ୫୦ ପରିବାର ବର୍ତ୍ତମାନ ପିଇବା ପାଣିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ତୁରନ୍ତ ଏହି ସାହିକୁ ପିଇବା ପାଣି ଯୋଗାଇଦେବାକୁ ଦାବି ହେଉଛି ।





# ଶିକାରୀ ଗିରଫ, ୧୨.୫ କେଜି କୁଟୁରା ମାଂସ ଜବତ

କାମାକ୍ଷାନଗର, ୬ ।୬ (ସମିସ): କଙ୍କଡ଼ାହାଡ଼ ବ୍ଲକ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କରଗୋଳା ପଞ୍ଚାୟତ ବୁଢ଼ୀବିଲ ଗ୍ରାମ ଅନ୍ତର୍ଗତ ଦଣ୍ଡାଧର ଡ୍ୟାମ ନିକଟ ଗଂଜାଗଡ଼ ସଂରକ୍ଷିତ ଜଙ୍ଗଲରୁ କୁଟୁରା ମାଂସ ଶିକାରୀକୁ ରାସ୍ତାରୁ ଗିରଫ କରିଛି ବନ ବିଭାଗ।ସୂଚନା ଅନୁସାରେ କଙ୍କଡ଼ାହାଡ଼ ଥାନା ବୁଢ଼ୀବିଲ ଗ୍ରାମର ନରସିଂହ ହାଁସଦା(୪୬) ଗ୍ରାମ ନିକଟସ୍ଥ ଗଂଜାଗଡ଼ ସଂରକ୍ଷିତ ଜଙ୍ଗଲରୁ କୁଟୁରା ଶିକାର କରି ମାଂସ ସ୍ଥାନୀୟ କଙ୍କଡାହାଡ଼କୁ ବିକ୍ରି କରିବା ପାଇଁ ନେଇ ଯାଉଥିବା ଖବର ପାଇଁ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ଶିକାରୀକୁ କାବୁ କରିଥିଲା ବନ ବିଭାଗ।ଗତକାଲି ଅପରାହ୍ନ ପ୍ରାୟ ୩.୩୦ ସମୟରେ ନରସିଂହ ଏକ ମୋଟର ସାଇକେଲରେ କଟା କୁଟୁରା ମାଂସ ନେଇ ଯାଉଥିଲା। ନରସିଂହ ନିକଟରୁ ୧୨ କିଲୋ ୫୦୦ ଗ୍ରାମ କୁଟୁରା ମାଂସ ସହିତ ବ୍ୟବହୃତ ହୋଇଥିବା ବାଇକକୁ ଜବତ କରିଥିଲା



ବନ ବିଭାଗ।ରେଞ୍ଜ କାର୍ଯ୍ୟାଳୟକୁ ଆଣି ଶିକାରୀକୁ ପଚରାଉଚରା କରିଥିଲା ବନ ବିଭାଗ।ବନ୍ୟଜନ୍ତୁ ଶିକାର ମାମଲାରେ ଅଭିଯୁକ୍ତ ନରସିଂହଙ୍କୁ ଗୀରଫ କରାଯାଇ ଆଜି କୋର୍ଟ ଚାଲଣ କରିଛି ବନ ବିଭାଗ। ଏ ସଂକ୍ରାନ୍ତରେ ରେଞ୍ଜ ଅଧିକାରୀ ଶ୍ରୀ ପାତ୍ର କହିଛନ୍ତି ବନ୍ୟଜନ୍ତୁ ଶିକାର ଏକ ଦଣ୍ଡନୀୟ ଅପରାଧ। ଗିରଫ ଶିକାରୀ କୁଟୁରା ଶିକାର କରି ମାଂସ ବିକ୍ରି କରୁଥିବା କାରଣରୁ ଗିରଫ କରାଯାଇଛି। ଯେଉଁମାନେ ବନ୍ୟଜନ୍ତୁ ଶିକାର କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଶ୍ରୀ ପାତ୍ର କହିଛନ୍ତି।

# କାମ କଲେ ଠିକାଦାର, ଟଙ୍କା ନେଲେ ସରପଞ୍ଚଙ୍କ ସ୍ୱାମୀ

ହିନ୍ଦୋଳ/ଖଜୁରିଆକଟା, ୬ ।୬ (ସମିସ)

ରାଜ୍ୟରେ ବିଜେପି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବା ବେଳେ ପଞ୍ଚାୟତ ଉନ୍ନୟନ କାମରେ ପିସି କାରବାରକୁ କେନ୍ଦ୍ରକରି ଜଣେ୍ ଅଧିକାରୀ ଜୁଲମ୍ କରିବା ତଥା କାର୍ଯ୍ୟ ଶେଷରେ ଶ୍ରମିକଙ୍କୁ ତାଙ୍କ ପ୍ରାପ୍ୟ ନ ଦେବା ନେଇ ପଞ୍ଚାୟତରେ ଉତ୍ତେଜନା ହେବାରୁ ଏ ନେଇ ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି। ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ।

ହିନ୍ଦୋଳ ବ୍ଲକ୍ କନ୍ତାମିଲା ପଞ୍ଚାୟତ ବିଗତ ଦିନରେ ସରକାରଙ୍କ ବିଭିନ୍ନ ଉନ୍ନୟନ କାମରେ ଜିଲ୍ଲାରେ ଦୁଇ ଦୁଇ ଥର ପୁରସ୍କୃତ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଏବେ କିନ୍ତୁ କିଛି ଦିନ ହେବ ପଞ୍ଚାୟତ ବିଭିନ୍ନ କାମରେ ଦୁର୍ନୀତିର ଛିଟା ପିଛା ଛାଡୁନି। ରାସ୍ତା କାମରେ ପିସି ନେବା ତଥା ଶ୍ରମିକଙ୍କୁ କାମ କରିଥିବା ପ୍ରାପ୍ୟ ନ ଦେବାକୁ କେନ୍ଦ୍ର କରି ଏକ ଅଭାବନିୟ ଘଟଣା ଘଟିଯାଇଛି। ଫଳରେ କଥାଯାଇ ଥାନାରେ ପହଞ୍ଚିଛି। କନ୍ତାମିଲା ପଞ୍ଚାୟତ କମାରସାହି ରାସ୍ତା ମନରେଗା ଯୋଜନାରେ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ରାସ୍ତାର ଉନ୍ନତି କରଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ରାସ୍ତା କାମ ଶେଷ ହେବା ପରେ ମେଟେରିଆଲ ବିଲ ବାବଦକୁ ୧ ଲକ୍ଷ ୪୨ ହଜାର ଟଙ୍କା ପଞ୍ଚାୟତର ଭେଣ୍ଡର ମନୋରଞ୍ଜନ ଅମାନ୍ତ ଆକାଉଣ୍ଟକୁ ପଞ୍ଚାୟତ ଏଡିଓ ଯୁଧିଷ୍ଠିର ଦେହୁରୀ ପୈଠ କରିବା ନିୟମ ରହିଛି। ମାତ୍ର ନିଜ ପଞ୍ଚାୟତ ଭେଣ୍ଡର ଶ୍ରୀ ଅମାନ୍ତଙ୍କୁ ଅର୍ଥ ପୈଠ ନ କରି ଅନ୍ୟ ପଞ୍ଚାୟତ ଗଣ୍ଡାନାଳୀ ଜଣେ ଭେଣ୍ଡରଙ୍କୁ କାମ ର ଟଙ୍କା ପୈଠ କରିଛନ୍ତି। ପରବର୍ତୀ ସମୟରେ ଗଣ୍ଡାନାଳି ଜନୈକ ବ୍ୟକ୍ତି ଙ୍କ ଠାରୁ ଟଙ୍କା ଆଣି ରାସ୍ତା କାମ କରୁଥିବା ଶ୍ରୀ ଅମାନ୍ତ ଙ୍କୁ ଆଉ ସେଇ ଟଙ୍କା ଦେଉ ନାହାନ୍ତି। ଆଜକୁ ଦୁଇ ମାସ ପୂର୍ବରୁ ୧ ଲକ୍ଷ ୪୨ ହଜାର ଟଙ୍କା ଡିଇଓ ଙ୍କ ନିକଟକୁ ପେମେଣ୍ଟ ଆସି ସାରିଥିବା ବେଳେ କାମ କରିଥିବା ଭେଣ୍ଡରକୁ ଟଙ୍କା ନ ଦେବାରୁ ପଞ୍ଚାୟତରେ ଉତେଜନା ହେବାରୁ ଗ୍ରାମବାସୀ ତଥା ପଞ୍ଚାୟତ ଭେଣ୍ଡର ଶ୍ରୀ ଅମାନ୍ତ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।





ଅତ୍ୟଧିକ ପିସି ଜୁଲମ କରି ଭେଣ୍ଡରଙ୍କୁ ଟଙ୍କା ନ ଦେବାରୁ ଶ୍ରମିକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ୨୦୨୩-୨୪ ମସିହାର କନ୍ତାମିଲା ପଞ୍ଚାୟତ ଉପରପାଳ ରାସ୍ତା କାମ ପାଇଁ ଜଣେ ଶ୍ରମିକକୁ ଦୁଇ ଦିନ ତଳେ ପଞ୍ଚାୟତ କାର୍ଯ୍ୟାଳୟକୁ ଡ଼ାକି ପିସି ଦେବାକୁ ଜୁଲମ କରୁଥିଲେ ପଞ୍ଚାୟତ ଦୁଇ ଅଧିକାରୀ ତଥା ଜଣେ ପଞ୍ଚାୟତ ଦାୟୀତ୍ୱରେ ଥିବା ନେତ୍ରୀଙ୍କ ଦଲାଲ ସ୍ୱାମୀ ଜଣଙ୍କ। ଶ୍ରମିକ ଜଣଙ୍କ ପିସି ଟଙ୍କା ନ ଦେବାରୁ ସେହି କାମ ମଧ୍ୟ ଏବେ ଅଧୁରା ହୋଇ ପଡ଼ିରହିଛି। ଯାହା ଫଳରେ ସାଧାରଣ ଲୋକ ମାନେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଭେଣ୍ଡରଙ୍କୁ ତୁରନ୍ତ ଟଙ୍କା ଦେଲେ ଶ୍ରମିକ ମାନେ ତାଙ୍କ ପ୍ରାପ୍ୟ ପାଇବେ ବୋଲି ଗ୍ରାମର ମୁରଲୀ ଦେହୁରୀ,ପାର୍ଥ ବିଶ୍ୱାଳ,ରାଜେନ୍ଦ୍ର ପ୍ରଧାନ,ସୁଧୀର ବେହେରା ପ୍ରମୁଖ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ପଞ୍ଚାୟତ ଘେରାଉ କରି ଆନ୍ଦୋଳନ କରିବାକୁ ଚେତାବନି ଦେଇଛନ୍ତି। ଏହି ବିଷୟରେ ପଞ୍ଚାୟତ ଏଡିଓ ଯୁଧିଷ୍ଠିର ଦେହୁରୀଙ୍କୁ ପଚାରିବାରୁ କହିଲେ, ମ୍ୟାଟେରିଆଲ ଟଙ୍କା ମୁଁ ସରପଞ୍ଚଙ୍କ ସ୍ୱାମୀଙ୍କୁ ଦେଇଦେଇଛି। ସେ ତାଙ୍କୁ କାହିଁକି ପେମେଣ୍ଟ କରୁନାହାନ୍ତି ମୁଁ କହି ପାରିବିନି। ଆଉ ଯେଉଁ ପିସି କଥା ଉଠୁଛି, ମୁଁ କାହାକୁ ପିସି ମାଗିବା କଥା କହିନାହିଁ ବୋଲି କହିଛନ୍ତି।

### ହିନ୍ଦୋଳ ଥାନାରେ ମାମଲା
### ଗ୍ରାମରେ ଉତ୍ତେଜନା , ତଦନ୍ତ ଦାବି

ଅନ୍ୟ ପଟେ ଏଡିଓ ଯୁଧିଷ୍ଠିର ଦେହୁରୀ ହିନ୍ଦୋଳ ଥାନାରେ ଅଭିଯୋଗ କରିଛନ୍ତି ଯେ କେହି ଅଚିହ୍ନା ଯୁବକ ମୋ ବାଇକ୍‌କୁ ଅଟକାଇ ମାଡ଼ ମାରିଛନ୍ତି। ଏହିପରି ଦୁଇଟି ଅଭିଯୋଗ ହିନ୍ଦୋଳ ଥାନାରେ ପହଞ୍ଚିଛି ବୋଲି ହନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାଏ କହିଛନ୍ତି। ତଦନ୍ତ ଜାରି ରହିଛି ତଦନ୍ତ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି। ଏହି ଘଟଣାକୁ ନେଇ କନ୍ତାମିଲାରେ ଉତ୍ତେଜନା ଦେଖାଦେଇଛି।

### ନାବାଳିକାଙ୍କୁ ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ଘଟଣା

# ଝାନ୍ସିର ଅଭିଯୁକ୍ତ ଚନ୍ଦ୍ରପାଲକୁ ଗିରଫ କଲା ପୁଲିସ

କାମାକ୍ଷାନଗର, ୬ ।୬ (ସମିସ): କାମାକ୍ଷାନଗର ଥାନା ଅଞ୍ଚଳର ନାବାଳିକାଙ୍କୁ ଉତ୍ତରପ୍ରଦେଶର ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନନିର୍ଯାତନା ଘଟଣାରେ ନାବାଳିକାଙ୍କୁ ଲକ୍ଷେ ଟଙ୍କାରେ କିଣିଥିବା ଅଭିଯୁକ୍ତ ଚନ୍ଦ୍ରପାଲ କାସ୍ୱାକୁ ଝାନ୍ସି ଜିଲ୍ଲା ଇରେଜ ଥାନା ଅନ୍ତର୍ଗତ ପଠା ଗ୍ରାମରୁ ଗିରଫ କରିଛି କାମାକ୍ଷାନଗର ପୁଲିସ। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭୁବନେଶ୍ୱରରେ କାମ ଯୋଗାଇ ଦେବାକୁ କହି ଜଣେ ସମ୍ପର୍କୀୟ ଲକ୍ଷେ ଟଙ୍କାରେ ଝାନ୍ସିରେ ବିକ୍ରି କରିଦେଇଥିଲେ। ସେଠାରେ ନାବାଳିକାକୁ ଦୁଇବର୍ଷ ଧରି ଯୌନନିର୍ଯାତନା ଦିଆଯାଇଥିବା ବେଳେ ବାରମ୍ବାର ବିକ୍ରି କରାଯାଇଥିଲା। କିନ୍ତୁ କୌଶଳକ୍ରମେ ନାବାଳିକା ଜଣକ ସେଠାରୁ ଖସିଆସି ଗତ ୨୩ ତାରିଖ କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକାକୁ ଝାନ୍ସିରେ ବିକିଥିବା ସମ୍ପର୍କୀୟ ବିନୋଦ ପାତ୍ରକୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଞ୍ଚଳରୁ ପୁଲିସ ଗିରଫ କରିଥିବା ବେଳେ ନାବାଳିକାକୁ ଲକ୍ଷେ ଟଙ୍କାରେ କିଣିଥିବା ଚନ୍ଦ୍ରପାଲ କସ୍ୱାକୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ବୋହୂ ମାଡ଼ରେ ଶାଶୂ ଗୁରୁତର



କାମାକ୍ଷାନଗର, ୬ ।୬ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା କନ୍ଦରସିଙ୍ଗା ଗାଁରେ ଘଟିଛି ଅଭାବନୀୟ ଘଟଣା। ବୋହୂ ମାଡ଼ରେ ଶାଶୂ ଗୁରୁତର ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ମଲ୍ଲି ସାହୁ (୬୦)ଙ୍କୁ ତଙ୍କ ବୋହୂ କୌଣସି କାରଣ ପାଇଁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ଉପରକୁ ଟାଙ୍ଗିଆ ଫିଙ୍ଗିଥିଲେ। ଏଥିରେ ମଲ୍ଲି ଗୁରୁତର ହୋଇ ଅଚେତ ଅବସ୍ଥାରେ ଘରେ ପଡ଼ି ରହିଥିଲେ। ଖବର ପାଇ ସ୍ୱାମୀ ସର୍ବେଶ୍ୱର ସାହୁ ଆସି ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ










କାମାକ୍ଷାନଗର, ୬ ।୬ (ସମିସ): ବିଶ୍ୱ ପରିବେଶଦିବସ ଅବସରରେ କାମାକ୍ଷାନଗର କୋର୍ଟ ପରିସରରେ ଚାରାରୋପଣ କରାଯାଇଛି। କାମାକ୍ଷାନଗର କୋର୍ଟ ଓ କାମାକ୍ଷାନଗର ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ ବନବିଭାଗ ତରଫରୁ ଏହି ବୃକ୍ଷରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଦୌରାଜଜ ଶ୍ରୀମତୀ ଇତିଶ୍ରୀ ମାଳବିକା ଭୂୟାଁ, ସବଜଜ ଶ୍ରୀମତୀ ମାମି ବେହେରା ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ବର୍ତ୍ତମାନ ବିଶ୍ୱରେ ପରିବେଶ ଅସନ୍ତୁଳନ ଦେଖାଯାଉଥିବା ବେଳେ ବୃକ୍ଷସଙ୍କଟ ଏହାର ମୁଖ୍ୟ କାରଣ ସାଜିଛି। ତେଣୁ ଏହାର ନିରାକରଣ ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବାପାଇଁ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସୁଶାନ୍ତ କୁମାର ପାତ୍ର, ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ, ବିଭିନ୍ନ ଫରେଷ୍ଟ ସେକ୍ସନର ଫରେଷ୍ଟର, ଫରେଷ୍ଟଗାର୍ଡ ଓ କାମାକ୍ଷାନଗରର ବହୁ ଆଇନଜୀବୀ ଓ କୋର୍ଟ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

**ଢେଙ୍କାନାଳ:** ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ କାରଖାନା ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କାରଖାନାର ପ୍ରେସିଡେଣ୍ଟ ଅପରେସନ ଭିଏସଭି ଗିରିଧର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚଳିତ ବର୍ଷର ବିଷୟ ବସ୍ତୁ ପ୍ରକୃତିରୁ ପ୍ରେରଣା, ଜଳବାୟୁ ଓ ଆମ ଭବିଷ୍ୟତକୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଆଲୋଚନା ସଭାରେ ପ୍ରେସିଡେଣ୍ଟ ଅପରେସନ ଶ୍ରୀ ଗିରିଧର ଯୋଗଦେଇ ପ୍ରକୃତିର ସୁରକ୍ଷା ପାଇଁ ଆମ୍ଭ ମାନେ ପଲିଥିନ, ପ୍ଲାଷ୍ଟିକ ବୋତଲ ବ୍ୟବହାର ନକରିବାକୁ କହିଥିଲେ। କାରଖାନାର ସିନିୟର ଜିଏମ ୱର୍କସ ଅନନ୍ତ କୁମାର ମିଶ୍ର ଯୋଗଦେଇ ସୁସ୍ଥ, ସନ୍ତୁଳିତ, ସବୁଜ ପରିବେଶ ଗଢିବା ଦିଗରେ ନିଜକୁ ସାମିଲ କରି ଆଗାମୀ ପିଢି ମାନଙ୍କ ପାଇଁ ବଞ୍ଚିବାର ରାହା ସୃଷ୍ଟି କରିବା ପାଇଁ ମତ ପ୍ରକାଶ କରିଥିଲେ। ଆମ୍ଭେମାନେ ନିଜର ଜନ୍ମ ଦିନ, ବିବାହ ବାର୍ଷିକରେ ଗୋଟିଏ ଗୋଟିଏ ଚାରା ରୋପଣ କରି ପାଳନ କରିବା ପାଇଁ ଆହ୍ୱାନ ଦେବା ସହ ନିଜ ନିଜ କାର୍ଯ୍ୟ ସ୍ଥଳକୁ ସଫା ସୁତାର ରଖିବା ରଖିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ବିଭାଗ ଅଧିକାରୀ ସ୍ୱରୁପ କୁମାର ନାୟକ, ଲକ୍ଷ୍ମୀପ୍ରସାଦ ଶୁକ୍ଲାଙ୍କ ସମେତ କାରଖାନାର ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କାରଖାନା ପରିସରରେ ସାମୁହିକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାରଖାନାର ନିରାପତା ବିଭାଗର ସେଫ୍ଟି ଅଫିସର ସୁଶାନ୍ତ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ରଞ୍ଜନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଖଜୁରିଆକଟା:** ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ଓ କେସିଏଲ କମ୍ପ୍ୟୁଟର ଶିକ୍ଷା ଅନୁଷ୍ଠାନ ପରିସରରେ ପରିଚାଳକ ପ୍ରଶାନ୍ତ ଜେନାମଣିଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ପରିବେଶବିତ୍ ରତିକାନ୍ତ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ, ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ମୁଖ୍ୟ ଜୟନ୍ତ ନାରାୟଣ ପତି, ପରିବେଶବିତ ବିମଳ ବିଶ୍ୱାଳ, ଫରେଷ୍ଟର ସୁଶାନ୍ତ ସାହୁ, ଜନ ମଙ୍ଗଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁଖ୍ୟ ବିଭୁ ଶତପଥୀ, ସମାଜସେବୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଆଜିର ଦିନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ଜନ୍ମ ଦିନ ପାଳନ ଅବସରରେ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ବର୍ଷାଋତୁରେ ଅନ୍ୟୁନ ୧୦ଟି ଗଛ ଲଗାଇବା ପାଇଁ ଶପଥ ନେଇଥିଲେ। ଶିକ୍ଷୟତ୍ରୀ ଶ୍ରୁତି ସୁନନ୍ଦିତା ମିଶ୍ର ଧନ୍ୟବାଦ ଦେଇଥିଲେ।

**ଢେଙ୍କାନାଳ:** ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ମୁଖ୍ୟବକ୍ତା ଭାବେ 'ସମାଜ'ର ପୂର୍ବତନ ସମ୍ପାଦକ ଡ. ପ୍ରମୋଦ ମହାପାତ୍ର, ଅନ୍ୟତମ ବକ୍ତା ଭାବେ ଡ. ତୁଷାରକାନ୍ତି ନାୟକ, ସମ୍ମାନିତ ଅତିଥି ଭାବେ ଭିକାରୀ ଚରଣ ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ପଟ୍ଟନାୟକ, ଉଫୁନାର ସମ୍ପାଦକ କବି ବାହାଦୁର ପାଟସାହାଣୀ, ସମାଜସେବୀ ସରୋଜ ଶତପଥୀ, ଉଫୁନାର ମହାସଚିବ ଡ. ଦୀପାୟନ ପଟ୍ଟନାୟକ, ଡ. ତାପସ ମହାପାତ୍ର, ପରିବେଶବିତ୍ ଉପେନ୍ଦ୍ର ରାଉତ, କଂଗ୍ରେସ ନେତା ବିନୟ ସାହୁ, ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ ବିଶ୍ୱ ପରିବେଶ ଦିବସରେ ସଚେତନତା ବାର୍ତ୍ତା ଦେଇଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ଜିଲ୍ଲା କମଳାଙ୍ଗସ୍ଥିତ ଜିଏଆର କମଳାଙ୍ଗ ଏନର୍ଜି ଲିମିଟେଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। କମ୍ପାନୀର ସମସ୍ତ କର୍ମଚାରୀ, ସୁରକ୍ଷାକର୍ମୀ ଓ ଠିକା ସଂସ୍ଥା କର୍ମକର୍ତ୍ତା ଉତ୍କର୍ଷ ମାର୍ଗ ନିକଟରେ ୨୦୫୨ଟି ଚାରାରୋପଣ କରିଥିଲେ। କମ୍ପାନୀର ପ୍ରୋଜେକ୍ଟ ଡାଇରେକ୍ଟର ମନୋଜ ମିଶ୍ର ଓ ପ୍ଲାଣ୍ଟ ମୁଖ୍ୟ ରଘୁନାଥ ପି. ଚାରାରୋପଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଇଏଚଏସ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ସମ୍ପର୍କିତ କୁଇଜ, ଚିତ୍ରାଙ୍କନ, ଡିବେଟ ଓ ରଚନା ପ୍ରତିଯୋଗିତା ଆୟୋଜିତ ହେବ।

**ଢେଙ୍କାନାଳ:** ଢେଙ୍କାନାଳ ପୌରପାଳିକା ପକ୍ଷରୁ ୧୯ ନଂ ୱାର୍ଡ ସିମିଳିଆ ପୋଖରୀଠାରେ ଚାରାରୋପଣ କରାଯାଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଚାରାରୋପଣ କରିଥିଲେ। ସମସ୍ତ ପୌର କର୍ମଚାରୀ, ସୁପରଭାଇଜର, ସ୍ୱଚ୍ଛସାଥୀ ପ୍ରମୁଖ ଯୋଗଦେଇଥିଲେ।

**ଢେଙ୍କାନାଳ:** ବିଶ୍ୱ ପରିବେଶ ଦିବସ ଅବସରରେ ଓନ୍ ଷ୍ଟପ୍ ସେଣ୍ଟର ପରିସରରେ ଏକ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଡିଏମଓ ଡା. ନୀଳମଣି ଦିଲୀପ ଚାନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଓଏସ୍‌ସି କେନ୍ଦ୍ର ପ୍ରଶାସିକା ରଞ୍ଜିତା ମଞ୍ଜରୀ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ଓ ମାନସିକ ପରାମର୍ଶଦାତ୍ରୀ ଶ୍ୱେତା ପରିଡ଼ା, କେସ୍ ୱାର୍କର ଲିପ୍ସା ପାତ୍ର ଓ ମଧୁସ୍ମିତା ପଣ୍ଡା, ସ୍ୱାସ୍ଥ୍ୟକର୍ମୀ ସ୍ୱାଗତିକା ସାହୁଙ୍କ ସମେତ କର୍ମଚାରୀ ମେନକା ଜେନା, ରୋଜାଲିନ ସାହୁ, ମାମାଲି ପ୍ରଧାନ, ସଞ୍ଜିତା ନାୟକ ଓ ଭାଗ୍ୟଶ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଢେଙ୍କାନାଳ:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ତରଫରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଢେଙ୍କାନାଳ ଶାଖା ମୁଖ୍ୟ ସଞ୍ଚାଳିକା ବିକେ ଉଷାଙ୍କ ନିର୍ଦ୍ଦେଶରେ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀ ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ। ଜିଲ୍ଲା କାରାଗାରର ସୁପରିନଟେଣ୍ଡେଣ୍ଟ ହେମନ୍ତ ସେଠୀ, ୱେଲଫେୟାର ଅଫିସର, ଏବଂ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଅତିଥି ଭାବେ ଯୋଗଦେଇ ଜିଲ୍ଲା କାରାଗାର ପରିସରରେ ଚାରାରୋପଣ କରିଥିଲେ। ଅପରାହ୍ନରେ ସୁନ୍ଦରୀଖାଲରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ସମସ୍ତେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ବନଖଣ୍ଡ ଅଧିକାରୀ ଓ ଶିଶୁ ବିଶେଷଜ୍ଞ ଡା. ବିରଞ୍ଚି ନାରାୟଣ ସେଠ୍, ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବିକେ ଉଷା ଏବଂ ଅନ୍ୟମାନେ ଜ୍ଞାନ ସୂର୍ଯ୍ୟ ଉପବନରେ ଚାରାରୋପଣ କରିଥଠଲେ।

**ଢେଙ୍କାନାଳ:** ସ୍ଥାନୀୟ ବଜରଙ୍ଗ କ୍ଲବ୍ ତରଫରୁ ବିଶ୍ୱ ପରିବେଶ ଦିବସ ବଳରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। କ୍ଲବ୍‌ର ସଦସ୍ୟମାନେ ବଳରାମ ମନ୍ଦିର ପରିସରରେ ରୁଦ୍ରାକ୍ଷ, ନାଗଚମ୍ପା ଇତ୍ୟାଦି ଚାରାରୋପଣ କରିଥିଲେ। କ୍ଲବ୍ ସଦସ୍ୟ ସୌରଭ ମହାପାତ୍ର, ବବୁଲୁ ଦାସ, ରୁଦ୍ରନାରାୟଣ ମହାପାତ୍ର, ଡୁଡୁଲ୍ ଦାସ, ଅମର ବେହେରା, ରାଜେନ୍ଦ୍ର ମହାପାତ୍ର, ନେହା, ମମତା ମହାପାତ୍ର, ସସ୍ମିତା କର, ଶୁଭଶ୍ରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପରଜଙ୍ଗ:** ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମରେ ଜେ ଫାର୍ମ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଜଙ୍ଗଲ କମିଟି ସଭାପତି, ନାଏବ ସରପଞ୍ଚ, ଗ୍ରାମ ସଭାପତିଙ୍କ ସମେତ ଗ୍ରାମର ଲୋକମାନେ ଉପସ୍ଥିତ ରହି ଶତାଧିକ ଆମ୍ବ ଚାରା ରୋପଣ କରିଥିଲେ। ପ୍ରତି ଗ୍ରାମରେ ବ୍ୟାପକ ଜଙ୍ଗଲସୃଷ୍ଟି କରିବା, ପ୍ଲାଷ୍ଟିକ ବ୍ୟବହାର ନକରିବା, କୃଷିକ୍ଷେତ୍ରରେ ରାସାୟନିକ ସାରର ଅଳ୍ପ ବ୍ୟବହାର ଓ ପ୍ରାକୃତିକ ଚାଷ ପ୍ରଣାଳୀକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଚାରା ରୋପଣ କରାଯିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ସେହିପରି ପରଜଙ୍ଗ ବ୍ଲକର ଅନ୍ୟ ଗ୍ରାମ ପଞ୍ଚାୟତରେ ମଧ୍ୟ ବିଶ୍ୱପରିବେଶ ଦିବସ ପାଳିତ ହୋଇଯାଇଛି।



**ଢେଙ୍କାନାଳ:** ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରର ଏକ ସଂସ୍ଥା ପକ୍ଷରୁ ବିଶ୍ୱ ପରିବେଶ ଦିବସ ଓ କେନ୍ଦ୍ରର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ଓ ଆମ ଭବିଷ୍ୟତ' ଶୀର୍ଷକ ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକପ୍ରିୟ ବିଜ୍ଞାନ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ରସାୟନ ବିଭାଗର ମୁଖ୍ୟ ଡ. ଶୁଭକାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତନ ଓ ପ୍ରକୃତି ସହ ସନ୍ତୁଳିତ ଜୀବନଶୈଳୀର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀ ଓ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ପ୍ରାରମ୍ଭରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍‌ଏମ୍ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରି ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ପୃଥିବୀ ଗଢ଼ିବାକୁ ହେଲେ ପ୍ରକୃତି ସଂରକ୍ଷଣ ଓ ପରିବେଶ ପ୍ରତି ସଚେତନତା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ପ୍ରାକୃତିକ ସମ୍ପଦକୁ ବିବେକପୂର୍ଣ୍ଣ ଭାବେ ବ୍ୟବହାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଓ ଦର୍ଶକଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଜ୍ଞାନ କର୍ମଶାଳା ଓ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଯୋଗଦେଇ ପରିବେଶ ସଂରକ୍ଷଣ ପାଇଁ ସାମୂହିକ ପ୍ରୟାସର ଆହ୍ୱାନ କରିଥିଲେ।











